# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**16 March - 2024**

**News Editor : Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- ଆଉ କିଛି ସମୟ ପରେ ଘୋଷଣା ହେବ ସାଧାରଣ ନିର୍ବାଚନର ତାରିଖ ।
- ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ।

\- ୭ଟି ବିଭାଗର ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ।

- ଆସନ୍ତାକାଲି ହାଇକୋର୍ଟରେ ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ ।

ଏବଂ

- ରାଜ୍ୟର କେତେକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ।

\- ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ।

## ନିର୍ବାଚନ ତାରିଖ ଘୋଷଣା

ଚଳିତବର୍ଷ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ଆଉ କିଛି ସମୟ ପରେ ଭାରତର ନିର୍ବାଚନ କମିଶନ ତାରିଖ ଘୋଷଣା କରିବେ। ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ମଧ୍ୟ ଲାଗୁ ହେବ। ଏଥିରେ ଲୋକସଭା ସହିତ  କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବ ବୋଲି କମିଶନଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକ୍କିମ୍‌ରେ ସାଧାରଣ ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ଅଛି।

# ପିଏମ୍ ସୂର୍ଯ୍ୟଘର

**ପି.ଏମ୍. ସୂର୍ଯ୍ୟଘର : ମୁଫ୍‌ତ ବିଜ୍‌ଲି ଯୋଜନା** ରେ ଦେଶରେ ୧ କୋଟିରୁ ଅଧିକ ପରିବାର ପଞ୍ଜୀକୃତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସନ୍ତୋଷବ୍ୟକ୍ତ କରିଛନ୍ତି । ଓଡ଼ିଶା ସମେତ ଆସାମ, ବିହାର, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରୁ ୫ ଲକ୍ଷ ଲେଖାଏଁ ପରିବାର ପଞ୍ଜୀକୃତ ହୋଇଛନ୍ତି । ମୁଫ୍‌ତ ବିଜ୍‌ଲି ଯୋଜନା ଲୋକମାନଙ୍କ ବିଜୁଳି ଖର୍ଚ୍ଚ କମ୍ କରିବା ସହ ଶକ୍ତି ଉତ୍ପାଦନ ବୃଦ୍ଧି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଯୋଜନା ପରିବେଶ ପାଇଁ

ଜୀବନଶୈଳୀ ଅଭିଯାନକୁ ଉତ୍ସାହିତ କରିବ ଓ ବିଶ୍ୱର ପରିବେଶରେ ଉନ୍ନତି ଘଟିବ । ଶୀଘ୍ର ପଞ୍ଜୀକରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି । **ପି.ଏମ୍. ସୂର୍ଯ୍ୟଘର ଡଟ୍ ଜିଓଭି ଡଟ୍ ଇନ୍** ୱେବ୍‌ସାଇଟ୍‌ରେ ଏହା ଉପଲବ୍ଧ ହେଉଛି ।

# କ୍ୟାବିନେଟ୍ ବୈଠକ

ରାଜ୍ୟ ମନ୍ତ୍ରିମଣ୍ଡଳର କ୍ୟାବିନେଟ୍ ବୈଠକ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ଟି ବିଭାଗର ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି ।

କଟକ ମହାନଦୀ ଉପରେ ଏକ ଉଚ୍ଚ ସେତୁ ନିର୍ମିତ ହେବା ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ ଦିଆଯାଇଛି । ସାଲେପୁର ବ୍ଲକ ବ୍ରାହ୍ମଣଖଣ୍ଡ-ସାହୁଖେତ ରାସ୍ତାରେ ଏହା ନିର୍ମିତ ହେବ। ଏହି ସେତୁ ବାବଦରେ ୧୨୮ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହା ୩ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଧାର୍ଯ୍ୟ କରଯାଇଛି ।

ଏଥିସହ ରାଜ୍ୟ ସରକାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଯାଦବ ଭବନ ନିର୍ମାଣ ଲାଗି ଅଧା ଏକର ଜାଗା ଯୋଗାଇ ଦେବେ। ଏହି ଭୂମିର ପ୍ରିମିୟମ ବାବଦକୁ ୫ କୋଟି ୬ ଲକ୍ଷ ଟଙ୍କାର ପ୍ରିମିମୟକୁ ରାଜ୍ୟ ସରକାର ଛାଡ କରିବେ ବୋଲି ବୈଠକରେ ପାରିତ ହୋଇଛି ।

ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତ୍ତି ସଂପର୍କରେ ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା ୭ ଟି ବିଭିନ୍ନ ବିଭାଗର ୧୪ ଟି ପ୍ରସ୍ତାବ ଓ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ ।

**- V/O –**

# ଟୀକାକରଣ ଦିବସ

ଉତ୍ତମ ସ୍ୱାସ୍ଥ୍ୟଲାଗି ଟୀକାକରଣର ଗୁରୁତ୍ୱ ଉପରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଟୀକାକରଣ ଦିବସ ଭାବେ ପାଳନ କରାଯାଉଛି । ଟୀକାକରଣର ମହତ୍ ଉଦ୍ଦେଶ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଚଳିତବର୍ଷର ବାର୍ତ୍ତା ହେଉଛି 'ଟୀକା ସମସ୍ତଙ୍କ ଲାଗି କାର୍ଯ୍ୟ କରୁଛି' ।

# ପ୍ରସାର ଭାରତୀ–ଚେୟାରମ୍ୟାନ୍

ପୂର୍ବତନ ପ୍ରଶାସନିକ ସେବା ଅଫିସର ନବନୀତ କୁମାର ସେହଗଲ୍ ଆଜି ପ୍ରସାର ଭାରତୀର ନୂଆ ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୮୮ ବ୍ୟାଚ୍ ପ୍ରଶାସନିକ ସେବା ଅଫିସର ଶ୍ରୀ ସେହଗଲ ଉତ୍ତରପ୍ରଦେଶ କ୍ୟାଡର୍ ର ଅବସରପ୍ରାପ୍ତ ଅଧିକାରୀ । ଏ.ସୂର୍ଯ୍ୟପ୍ରକାଶଙ୍କ

ସ୍ଥାନରେ ସେ ଦାୟିତ୍ୱ ନେଇଛନ୍ତି । ସୂର୍ଯ୍ୟପ୍ରକାଶ ୨୦୨୦ରୁ ପ୍ରସାର ଭାରତୀର ଚେୟାରମ୍ୟାନ୍ ଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ନବନୀତ କୁମାର ସେହଗଲଙ୍କୁ ନିଯୁକ୍ତି ଦେଇଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଧ୍ୟକ୍ଷତାରେ ମନୋନୟନ କମିଟି ନବନୀତ କୁମାର ସେହଗଲଙ୍କ ନାମକୁ ଅନୁମୋଦନ କରିଥିଲେ ।

# ଲୋକ ଅଦାଲତ

ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତାକାଲି ଅନୁଷ୍ଠିତ ହେବ । ଓଡ଼ିଶା ହାଇକୋର୍ଟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଲୋକ ଅଦାଲତରେ ୯ଜଣ ବିଚାରପତି ମାମଲା ଗୁଡ଼ିକର ଶୁଣାଣି କରିବେ । ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଲୋକଅଦାଲତ ଆରମ୍ଭ ହୋଇ ମାମଲାର ସମାଧାନ ଆପୋଷ ବୁଝାମଣାରେ କରାଯିବ । ସୂଚନାଯୋଗ୍ୟ ପୂର୍ବରୁ ଏହି ଲୋକ ଅଦାଲତ ୯ ତାରିଖରେ କରାଯିବାକୁ ସ୍ଥିର ହୋଇଥିଲା । ମାତ୍ର ପରେ ଏହାକୁ ୧୭ତାରିଖ ପାଇଁ ଧାର୍ଯ୍ୟ ହୋଇଥିଲା । ତେବେ, ଗତ ୯ ତାରିଖରେ ରାଜ୍ୟରେ ଥିବା ବିଭିନ୍ନ କୋର୍ଟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇଯାଇଛି ।

# ବିଜେପି ବୈଠକ

ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳର ରାଜ୍ୟ ନିର୍ବାଚନ କମିଟି ବୈଠକ ଚାଲିଛି । ରାଜ୍ୟ ସଭାପତି ମନମୋହନ

ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଶ୍ୱେଶ୍ୱର ଟୁଡୁ ଉପସ୍ଥିତ ଅଛନ୍ତି । ଏଥିସହ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ସହ ପ୍ରଭାରୀ ଲତା ଉସେଣ୍ଡି ମଧ୍ୟ ବୈଠକରେ ଯୋଗ ଦେଇଛନ୍ତି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକ ଅନୁଷ୍ଠିତ ହେଉଛି । ରାଜ୍ୟର ୧୪୭ ବିଧାନସଭା ଏବଂ ୨୧ ଲୋକସଭାକୁ ନେଇ ପର୍ଯ୍ୟବେକ୍ଷକ ମାନଙ୍କ ରିପୋର୍ଟ ଉପରେ ସମୀକ୍ଷା ଏବଂ ପ୍ରାର୍ଥୀ ଚୟନ ନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି।

## ମାଟ୍ରିକ ରେଜଲ୍ଟ

ଚଳିତ ବର୍ଷ ନିର୍ଧାରିତ ସମୟରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରେଇ ସୂଚନା ଦେଇଛନ୍ତି । ରାଜ୍ୟର ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ଚାଲିଛି । ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡର ସଭାପତି ଓ ଉପସଭାପତି ସୂଚନା ଦେଇ କହିଛନ୍ତି ଯେ ସମସ୍ତ ମୂଲ୍ୟାୟନ କେନ୍ଦ୍ରକୁ ୨୪ ଘଣ୍ଟିଆ ସିସିଟିଭି ନଜରରେ ରଖାଯାଇଛି। ସମସ୍ତ ମୂଲ୍ୟାୟନ କେନ୍ଦ୍ରର କାର୍ଯ୍ୟକୁ ୧୦ ସୁପରଭାଇଜିଂ ଟିମ୍ ଅନୁଧ୍ୟାନ କରୁଛନ୍ତି। ବୋର୍ଡ ପକ୍ଷରୁ ୧୫ ଦିନ ମଧ୍ୟରେ ମାଟ୍ରିକ ଖାତା ମୂଲ୍ୟାୟନ ଶେଷ ହେବା ନେଇ ଆଶା ରଖାଯାଇଛି। ଅନଲାଇନରେ ପରୀକ୍ଷା ଫଳ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଅନଲାଇନରେ

ପରୀକ୍ଷାର୍ଥୀ ନିଜର ସାର୍ଟିଫିକେଟ ଡାଉନଲୋଡ କରିପାରିବେ। ସାର୍ଟିଫିକେଟର ହାର୍ଡ କପି ପରୀକ୍ଷା ଫଳ ପ୍ରକାଶ ପାଇବାର ୧୫ ଦିନ ପରେ ସ୍କୁଲରୁ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ମାଓ କ୍ୟାମ୍ପ ଠାବ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ୟୁଗସାଇ ପାଟନା ମନସ୍କା ଗାଁ ନିକଟ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଥିବା ନେଇ ଜିଲ୍ଲା ଏସ୍ ଅଭିଳାଷ ଜୀ ସୂଚନା ଦେଇଛନ୍ତି । ସିଆର୍‌ପିଏଫ୍ ଓ ଏସ୍‌ଓଜି ପକ୍ଷରୁ ହୋଇଥିବା ମିଳିତ କମ୍ବିଂ ଅପରେସନରେ ବିପୁଳ ମାଓ ସାମଗ୍ରୀ ଜବତ କରାଯାଇଛି । ଏଥିସହ ଗୋଟିଏ ଲ୍ୟାଣ୍ଡମାଇନ୍‌କୁ ସେଠାରେ ନଷ୍ଟ କରାଯାଇଛି । କ୍ୟାମ୍ପରୁ ୫୮ଟି ଜୀବନ୍ତ ଗୁଳି, ୭୪ଟି ଜିଲୋଟିନ୍, ୧୦ଟି ଡିଟୋନେଟର ସମେତ ନକ୍ସଲ ପୋଷାକ ଜବତ କରାଯାଇଛି ।

## କର୍ମଶାଳା

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଏବଂ କେନ୍ଦ୍ର କୃଷିଜୀବୀ ମହିଳା ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ଭଦ୍ରକ ଜିଲ୍ଲା ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ଡ୍ରୋନ୍ ବ୍ୟବହାର କୌଶଳ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଯୋଗଦେଇ ଡ୍ରୋନ୍ ଦ୍ୱାରା ଫସଲରେ କୀଟନାଶକ, ଅଣୁସାର, ନାନୋ ୟୁରିଆ ଆଦି ସିଞ୍ଚନ କରାଯିବା ଉପରେ ମହିଳାମାନଙ୍କୁ ତାଲିମ ଦେଇଥିଲେ ।

# ସମୀକ୍ଷା

ନୟାଗଡ ଜିଲ୍ଲାରେ ଆଜି ନିର୍ବାଚନ ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଅତିରିକ୍ତ ନିର୍ବାଚନ ଅଧିକାରୀ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ବୁଥ୍, ପୋଷ୍ଟାଲ ବ୍ୟାଲେଟ୍, ଜାଲ୍‌ନୋଟ୍, ଟ୍ରେନିଂ ପ୍ରୋଗ୍ରାମ, ଆଦି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

# ପାଣିପାଗ

ରାଜ୍ୟରେ ବର୍ତ୍ତମାନ ତାତି ଓ କାଳବୈଶାଖୀର ମିଶ୍ରିତ ପ୍ରଭାବ ଜାରି ରହିଛି।  ଆଜିଠାରୁ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଉପକୂଳ ଏବଂ ଆଭ୍ୟନ୍ତରୀଣ ସ୍ଥାନ ଗୁଡ଼ିକରେ କାଳ ବୈଶାଖୀର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆସନ୍ତା ୩ ଦିନ ପରେ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ, କଟକ ଓ ଯାଜପୁର ଆଦି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ଆଶଙ୍କା ଥିବାରୁ ଏସବୁ ଜିଲ୍ଲାଗୁଡ଼ିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

ଅନ୍ୟପକ୍ଷରେ କାଳବୈଶାଖୀ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏସ୍ଆର୍ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।